بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୫ ଅପ୍ରେଲ୍ ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼**

**ପବିତ୍ର କୁରଆନ୍, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କର ମହତବାଣୀ (ଆହାଦିସ୍) ଓ ହଜରତ ମସିହ୍ ମଉଦ ଅ.ସ.ଙ୍କର କେତେକ ଦୁଆର ବର୍ଣ୍ଣନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର ଅ.ବ କହିଲେ; ଗତ ଜୁମାରେ ମୁଁ ହଜରତ ମସିହ୍ ମଉଦ ଅ.ସ.ଙ୍କର କେତେକ ଦୁଆ ଉପରେ ଆଲୋକପାତ କରିଥିଲି । ଆଜି ମଧ୍ୟ ସେହି ପ୍ରସଙ୍ଗରେ ଅଧିକ କିଛି ତଥ୍ୟ ରଖିବି । ଅଲ୍ଲାଃତାଲା କହିଛନ୍ତି; ମୁଁ (ଦୁଃଖରେ) ପତିତ ବ୍ୟକ୍ତିର କରୁଣ ପ୍ରାର୍ଥନା ଶୁଣିଥାଏ ତେବେ ବ୍ୟାକୁଳ ଓ କରୁଣ (ମୁଜତର୍)ରୁ ଯଥାର୍ଥ  କେବଳ ଅଧୈର୍ଯ୍ୟ ହେବା ନୁହେଁ ବରଂ ଏପରି ବ୍ୟକ୍ତି ଯାହାର ସମସ୍ତ ମାର୍ଗ ଅବରୁଦ୍ଧ ହୋଇଯାଇଥିବ । ସୁତରାଂ ଯେତେବେଳେ ଆମେ ଦୁଆ କରିବା ପାଇଁ ପରମେଶ୍ୱରଙ୍କ  ସମୀପରେ ନତମସ୍ତକ ହେବା ସେତେବେଳେ ନିଜର ଏପରି ଅବସ୍ଥା କରି ପ୍ରଭୁଙ୍କୁ ଦୁଆ ମାଗିବା କି ହେ ପ୍ରଭୁ ! ତୁମ ବ୍ୟତୀତ ଆମର କେହି ସାହା ଭରଷା ନାହିଁ ଏବଂ ଆମେ ତୁମ ଉପରେ ହିଁ ନିର୍ଭରଶୀଳ । ତୁମେ ହିଁ ଆମର ଦାତା, ଆମ ଦୁଃଖ ଦୁର୍ଦ୍ଦଶା ହରଣକର୍ତ୍ତା ।

ପ୍ରତ୍ୟେକ ଅହେମଦିଙ୍କୁ ଏକଥା ନିଜ ମନରେ ଖୁବ ଭଲ ଭାବରେ ଗଣ୍ଠି କରିନେବା ଉଚିତ୍ ଯେ, ଯଦି ଚାହୁଁଛନ୍ତି କି ଆପଣଙ୍କ ଦୁଆ ସ୍ୱୀକୃତ ହେଉ ତେବେ ନିଜ ଅଭ୍ୟନ୍ତରରେ ଅସ୍ଥିର, ବିନୟ ଓ ବ୍ୟାକୁଳତା (ଭାବ) ଉତ୍ପନ୍ନ କରନ୍ତୁ । ବର୍ତ୍ତମାନ ମୁଁ ପବିତ୍ର କୁରଆନ୍, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କର ମହତବାଣୀ (ଆହାଦିସ୍) ଓ ହଜରତ ମସିହ୍ ମଉଦ ଅ.ସ.ଙ୍କର କେତେକ ଦୁଆର ଚର୍ଚ୍ଚା କରିବି । ସେଗୁଡ଼ିକ ପ୍ରତି ସର୍ବଦା ଧ୍ୟାନ ଦେବା ଉଚିତ୍ । ସର୍ବପ୍ରଥମେ ସୁରେଃ ଫାତିହା ରହିଛି । ନମାଜ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ସେଗୁଡ଼ିକର ଆବୃତ୍ତି କରିବା ଉଚିତ୍ । ସେଗୁଡ଼ିକୁ ଅତି ଧ୍ୟାନ ପୂର୍ବକ ପାଠ କରିବା ଓ ତାହାର ପୁନରାବୃତ୍ତି କରିବା ଦ୍ୱାରା ମନୁଷ୍ୟକୁ ପରମାତ୍ମାଙ୍କ ସାନିଧ୍ୟ ଲାଭ ହୋଇଥାଏ ।

ପବିତ୍ର କୁରଆନ୍‌ର ଗୋଟିଏ ଦୁଆ, ରବ୍‌ବନା ଆତିନା ଫିଦ୍‌ଦୁନ୍‌ୟା ହସନତଓଁ ଉକିନା ଅଜାବନ୍ ନାର୍ **(ବକରାଃ : ୨୦୨)**

ଏହି ଦୁଆ ମଧ୍ୟ ଆଜିକାଲି ବହୁତ ବ୍ୟାକୁଳତା ପୂର୍ବକ ପାଠ କରିବା ଉଚିତ୍ । ରବ୍‌ବନା ଆଫ୍‌ରିଗ ଆଲୈନା ସବ୍‌ରଉଁ ଓସାବ୍‌ବିତ୍ ଅକ୍‌ଦାମନା ଓନ୍‌ସୁର୍‌ନା ଅଲଲ୍ କୌମିଲ୍ କାଫିରିନ୍ **(ବକରାଃ : ୨୫୧)**

**ପୁନଶ୍ଚ ଏହି ଦୁଆର ମଧ୍ୟ ବାରମ୍ବାର ଆବୃତ୍ତି କରିବେ ।** ରବ୍‌ବନା ଲାତୁଆଖିଜ୍‌ନା ଇନ୍ନାସିନା ଅଔ ଅଖ୍‌ତାନା ରବ୍‌ବନା ଓଲା ତହ୍‌ମିଲ୍ ଆଲୈନା ଇସ୍‌ରନ୍ କମା ହମଲ୍‌ତହୁ ଅଲଲ୍ ଲଜିନା ମିନ୍ କବ୍‌ଲିନା । ରବ୍‌ବନା ଓଲାତୁହମିଲ୍‌ନା ମାଲା ତାକତଲନା ବିହ୍ ଓାଫୁଅନ୍ନା ଓଗ୍‌ଫିର୍‌ଲନା ଓର୍‌ହମ୍‌ନା ଅନ୍ତା ମୌଲାନା ଫନ୍‌ସୁର୍‌ନା ଅଲଲ୍ କୌମିଲ୍ କାଫିରିନ୍

**(ବକରାଃ : ୨୮୭)**

**ପୁନଶ୍ଚ ବିଶ୍ୱାସରେ ଦୃଢ଼ତା ସକାଶେ ଏହି ଦୁଆ ଅତ୍ୟଧିକ ପାଠ କରିବା ଉଚିତ୍ ।** ରବ୍‌ବନା ଲାତୁଜିଗ୍‌କୁଲୁବନା ବାଦାଇଜ୍ ହଦୈତନା ଓହବ୍‌ଲନା ମିଲ୍ ଲଦୁନ୍‌କା ରହ୍‌ମତନ୍ ଇନ୍ନକା ଅନ୍‌ତଲ୍ ଓହ୍‌ହାବ୍ **(ଆଲେ ଇମ୍ରାନ୍ : ୯)**

**ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ପୈଗମ୍ବର ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କର କିଛି ଦୁଆର ଚର୍ଚ୍ଚା କରି କହିଲେ; ଏକଦା ହୁଜୁର[ସ.ଅ] ହଜରତ ଅବୁବକର [ର.ଅ]ଙ୍କୁ ନମାଜରେ କିଛି ଦୁଆ କରିବାର ଶିଖାଇଲେ । ତାହା ଏହିକି ଯେ,** ଅଲ୍ଲାହୁମ୍ମା ଇନ୍ନି ଜଲମ୍‌ତୁ ନଫ୍‌ସି ଜୁଲ୍‌ମନ୍ କସିରନ୍ ଓଲମ୍ ୟଗ୍‌ଫିରୁଜ୍ ଜୁନୁବା ଇଲ୍ଲା ଅନ୍‌ତା ଫଗ୍‌ଫିର୍‌ଲି ମଗ୍‌ଫିରତମ୍ ମିନ୍ ଇନ୍‌ଦିକା ଓର୍‌ହମ୍‌ନୀ ଇନ୍ନକା ଅନ୍‌ତଲ୍ ଗଫୁରୁର୍ ରହିମ୍ **(ବୁଖାରୀ କିତାବୁଲ୍ ଅଜାନ୍ ବାବୁଲ୍ ଦୁଆ)**

ଅର୍ଥାତ ହେ ପ୍ରଭୁ ! ମୁଁ ନିଜ ଉପରେ ଅତ୍ୟାଚାର କରିଛି ଏବଂ ତୁମ ବ୍ୟତୀତ ଅନ୍ୟ କେହି ଦୋଷ ମାର୍ଜନ କରିପାରିବେ ନାହିଁ । ଅତଃ ତୁମ୍ଭେ ମୋତେ କ୍ଷମା କରିଦିଅ ଏବଂ ମୋ ଉପରେ ଦୟା କର । ସୁନିଶ୍ଚିତ ରୂପେ ତୁମ୍ଭେ ବହୁତ କ୍ଷମାକାରୀ ଓ ବାରମ୍ବାର ଦୟା ଆଚରଣକାରୀ ।

**ଯଦି କୌଣସି ପ୍ରସଙ୍ଗରେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କୁ ସମସ୍ୟା ଅଥବା ଚିନ୍ତା ଘାରୁଥିଲା, ଆପଣ ଏହି ଦୁଆ କରୁଥିଲେ ।** ୟା ହଇୟୁ ୟା କୈୟୁମୁ ବିରହ୍‌ମତିକା ଅସ୍‌ତଗିସୁ

**(ମିଶ୍‌କାତୁଲ୍ ମସାବିହ୍ କିତାବୁଲ୍ ଦଓାତ୍)**

ଅନୁବାଦ – ହେ ଜୀବିତ ଓ ଅନ୍ୟକୁ ଜୀବନ ପ୍ରଦାନକାରୀ ପ୍ରଭୁ ! ହେ ଚିରସ୍ଥାୟୀ ଓ ଅନ୍ୟକୁ ସ୍ଥାୟୀତ୍ୱ ପ୍ରଦାନକାରୀ ! ନିଜ କୃପା ଓ ଅନୁକମ୍ପା ଯୋଗେ ମୋର ସାହାଯ୍ୟ କର ।

ସୁତରାଂ ଏହି ଦୁଆ ଆମ ବ୍ୟକ୍ତିଗତ ଜୀବନରେ ପରିବର୍ତ୍ତନ ଆଣିପାରିବ । ଇସଲାମର ସଂସ୍ଥାପକ ହଜରତ ମୁହମ୍ମଦ [ସ.ଅ]ଙ୍କର ଏହି ଦୁଆଗୁଡ଼ିକୁ ଅତି କମ୍‌ରେ ତାହାର ଅନୁବାଦ ସହିତ ସ୍ମରଣ କରି ଅଥବା ସେଗୁଡ଼ିକର ଯଥାର୍ଥ ବୁଝି ଆମମାନଙ୍କୁ ଆବୃତ୍ତି (ପାଠ) କରିବା ଉଚିତ୍ ।

ପୁନଶ୍ଚ ବୁଖାରୀରେ ଏକ ଦୁଆ ଏପରି ଉଲ୍ଲେଖ ରହିଛି, ଅଲ୍ଲାହୁମ୍ମଜ୍‌ଅଲ୍ ଫି କଲ୍‌ବି ନୁରନ୍ ଓଫି ବସରି ନୁରନ୍ ଓଫି ସମ୍‌ଇ ନୁରନ୍ ଓଅନ୍ ୟମିନୀ ନୁରନ୍ ଓଅନ୍ ୟସାରୀ

ନୁରନ୍ ଓଫୌକି ନୁରନ୍ ଓତହ୍ତୀ ନୁରନ୍ ଓଅମାମି ନୁରନ୍ ଓଖଲ୍ଫି ନୁରନ୍ ଓଜ୍ଅଲ୍ଲୀ ନୁରନ୍ । ହେ ପ୍ରଭୁ ! ମୋ ହୃଦୟରେ (ତୁମ ଦୈବି) ପ୍ରକାଶ ରଖିଦିଅ, ମୋ ଚକ୍ଷୁରେ ଓ ମୋ କର୍ଣ୍ଣରେ ପ୍ରକାଶ ରଖିଦିଅ । ମୋ ଦକ୍ଷିଣ ଓ ବାମ ପାର୍ଶ୍ୱରେ ପ୍ରକାଶ ରଖିଦିଅ, ମୋ ଉପର ଓ ନିମ୍ନ ପାର୍ଶ୍ୱରେ ପ୍ରକାଶ ରଖିଦିଅ । ମୋ ସମ୍ମୁଖରେ ଓ ମୋ ପଶ୍ଚାତ ଭାଗରେ ପ୍ରକାଶ ରଖିଦିଅ ଏବଂ ମୋତେ ଜ୍ୟୋତିର୍ମୟ କରିଦିଅ ।

ନବୀ ଶିରୋମଣୀ ହଜରତ ମୁହମ୍ମଦ [ସ.ଅ]ଙ୍କର ଆଉ ଏକ ଦୁଆର ବର୍ଣ୍ଣନା ମିଳୁଅଛି । ତାହା ଏହିକି ଯେ, ଅଲ୍ଲାହୁମ୍ମା ଇନ୍ନି ଅଉଜୁବିକା ମିନ୍ ମୁନ୍‌କରାତିଲ୍ ଅଖ୍‌ଲାକି ଓଲ୍‌ଆମାଲି ଓଲ୍‌ଅହ୍‌ଓାଇ **(ତିର୍‌ମିଜି)**

ଅର୍ଥାତ ହେ ମୋର ପାଳନକର୍ତ୍ତା ! ମୁଁ ମନ୍ଦ ଆଚରଣ ଓ ମନ୍ଦକାର୍ଯ୍ୟରୁ ତଥା ଖରାପ ଅଭିଳାଷରୁ ତୁମ୍ଭ ଶରଣ ଭିକ୍ଷା କରୁଅଛି ।

ଏହା ଏକ ସଂକ୍ଷିପ୍ତ ଦୁଆ, ଯଦି ଜଣେ ବ୍ୟକ୍ତି ଅତି ଦରଦ ପୂର୍ଣ୍ଣତାର ସହିତ ପାଠ କରେ ତେବେ ତା'ଠାରୁ ଅନେକ ଖଳପ୍ରବୃତ୍ତି ଦୂରେଇ ଯିବ ଏବଂ ତା' ସ୍ୱଭାବରେ ସତ୍‌କର୍ମ କରିବା ପ୍ରତି ଉତ୍ସାହ ଜାତ ହେବ ।

ପୁନଶ୍ଚ ଶତ୍ରୁର ଷଡ଼ଯନ୍ତ୍ର ବିରୁଦ୍ଧରେ ଦୁଆ । ଅଲ୍ଲାହୁମ୍ମା ଇନ୍ନା ନଜ୍‌ଅଲୁକା ଫିନୁହୁରିହିମ୍ ଓନଉଜୁବିକା ମିନ୍ ଶୁରୁରିହିମ୍ **(ଅବୁଦାଉଦ୍)**

ଅର୍ଥାତ ଆମେ ତୁମକୁ ସେମାନଙ୍କ ହୃଦୟ ମୁକାବିଲାରେ ରଖୁଅଛୁ ଏବଂ ସେମାନଙ୍କ କୁପରିଣାମରୁ ତୁମ ଶରଣ ଭିକ୍ଷା କରୁଅଛୁ । ଏହି ଦୁଆ ମଧ୍ୟ ସମ୍ପ୍ରତି ଅହେମଦିମାନଙ୍କୁ ବହୁତ ପାଠ କରିବା ଉଚିତ୍ । ଶତ୍ରୁର ବିପତ୍ତିରୁ ଅଲ୍ଲାଃତାଲା ଆମକୁ ସୁରକ୍ଷିତ ରଖନ୍ତୁ ।

ପ୍ରିୟ ହୁଜୁର ଅନୱର[ଅ.ବ] ହଜରତ ମସିହ୍ ମଉଦ [ଅ.ସ]ଙ୍କର କେତେକ ଦୁଆର ବର୍ଣ୍ଣନା କରି କୁହନ୍ତି; ହଜରତ ମସିହ୍ ମଉଦ[ଅ.ସ] ମୌଲବୀ ନଜିର ହୁସେନ୍ ସାହେବ ସଖା ଦିଲ୍ଲୀ ନିବାସୀଙ୍କର ଏକ ପତ୍ରର ଉତ୍ତରରେ ଅଲ୍ଲାଃତାଲାଙ୍କ ସାମୀପ୍ୟ ଲାଭ କରିବାର ସୂତ୍ର ବତାଇ ଲେଖିଲେ, "ଅସ୍‌ସଲାମୁ ଆଲୈକୁମ୍ ଓ ରହ୍‌ମତୁଲ୍ଲାହି ଓ ବର୍‌କାତହୁ । ଆମର ମୂଳ ପନ୍ଥା (ଉସ୍ୱ) ଏହିକି ଯେ, ନମାଜରେ ନିଜ ପାଇଁ ଦୁଆ କରୁଥାଅ । ଆଉ ଉପର ଠାଉରିଆ (ବ୍ୟଗ୍ରତା) ଓ ଖାମଖିଆଲ ମନଭାବରେ ନମାଜ ପାଠ କରି ପ୍ରସନ୍ନ ହୋଇଯାଅ ନାହିଁ । ବରଂ ଯଥାସମ୍ଭବ ଧ୍ୟାନ ପୂର୍ବକ ପାଞ୍ଚ ବେଳା ନମାଜରେ ପ୍ରଭୁଙ୍କ ସମୀପରେ ପ୍ରତ୍ୟେକ ରେକାତ୍ ପରେ ଛିଡ଼ା ହୋଇ ଦୁଆ କର ।"

"ହେ ପରାକ୍ରମୀ ଓ ସର୍ବଶକ୍ତିମାନ ପ୍ରଭୁ ! ମୁଁ ବହୁତ ବଡ଼ ପାପୀ ଓ ଏହି ପାପ ରୂପକ ବିଷ ମୋ ହୃଦୟ ତଥା ଶିରାପ୍ରଶିରାକୁ ଗ୍ରାସ କରିଛି, ମୋତେ ଆତୁର ଓ ବିନୀତତାପୂର୍ଣ୍ଣ ନମାଜ ପାଠ କରିବାର ସୌଭାଗ୍ୟ ମିଳୁ ନାହିଁ । ତୁମ୍ଭେ ନିଜ କୃପା ଓ ଅନୁଗ୍ରହ ଦ୍ୱାରା ମୋର ପାପ କ୍ଷମା କରିଦିଅ

ଏବଂ ମୋ ଦୋଷଦୁର୍ବଳତା ହରଣ (ମୋଚନ) କର । ମୋ ହୃଦୟକୁ ନରମ କରିଦିଅ ତଥା ମୋ ହୃଦୟରେ ତୁମ ଗାରିମା ଓ ଭୟ ବିଦ୍ୟମାନ କରିଦିଅ । ଯଦ୍ୱାରା ମୋ ହୃଦୟର କଠୋରତା ଦୂର ହୋଇ ନମାଜ ପ୍ରତି ଆସକ୍ତି ଭାବ ଉତ୍ପନ୍ନ ହେବ ।”

ଦୁଆ ସ୍ୱୀକୃତି ଲାଭ ହେବା ନିମନ୍ତେ ଏହା ଜରୁରୀ ଯେ, ଆମେମାନେ ଅଧିକରୁ ଅଧିକ ଦରୁଦ ଶରିଫ୍ ଜପ କରିବା । ଏଥିନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଆମେ ସହୃଦୟରୁ ଏହି ଦୁଆଗୁଡ଼ିକ ପାଠ କରୁ । ନିଜ ଭାଷାରେ ମଧ୍ୟ ଦୁଆ କର ଏବଂ ପ୍ରକୃତ ଆତୁରତା ଓ ବ୍ୟାକୁଳତାର ସହିତ କାକୁତି ମିନତି ହୋଇ ଦୁଆ କର । ଯଦ୍ୱାରା ଉକ୍ତ ପ୍ରାର୍ଥନା (ତୁମ) ଅନ୍ତରଆତ୍ମାରୁ ପ୍ରକଟିତ ହେବ । ପବିତ୍ର ରମଜାନ ମାସର କଲ୍ୟାଣକୁ ସର୍ବଦା ବଜାୟ (ଚଳଚଂଳ) ରଖିବା ନିମନ୍ତେ ମଧ୍ୟ ଦୁଆ କରିବେ ।

ଆମେ ଓ ଆମର ସନ୍ତାନସନ୍ତତି ଯୁଦ୍ଧର ଭୟାବହତାରୁ ସୁରକ୍ଷିତ ରହିବା ଏବଂ ତା’ ପରବର୍ତ୍ତୀ ପ୍ରଭାବରୁ ସୁରକ୍ଷିତ ରହିବା ନିମନ୍ତେ ଦୁଆ କରିବେ । ଏବେ ପ୍ରତୀତ ହେଉଛି ଯେ, ବିଶ୍ୱଯୁଦ୍ଧ ଆମ ସମ୍ମୁଖରେ ଦଣ୍ଡାୟମାନ ବରଂ କହିବାକୁ ଗଲେ ତାହା ଆରମ୍ଭ ହୋଇ ଗଲାଣି । କିନ୍ତୁ ବିଶ୍ୱର ବଡ଼ ବଡ଼ ପ୍ରଶାସକ ଏଥିପ୍ରତି ତିଳେ ମାତ୍ର ଚିନ୍ତିତ ନୁହନ୍ତି । ଏପରି ଅବସ୍ଥାରେ ଅହେମଦିମାନେ ନିଜକୁ ପରମେଶ୍ୱରଙ୍କ ଅଧିକ ନିକଟତର କରି ଓ ନିଜ ଦୁଆରେ ବ୍ୟାକୁଳତା ଉତ୍ପନ୍ନ କରିବା ଅତ୍ୟନ୍ତ ଜରୁରୀ । ଫଳତଃ ସେମାନେ ଉକ୍ତ ଅପ୍ରୀତିକର ପରିଣାମରୁ ବର୍ତ୍ତି ରହିବେ । ଅଲ୍ଲାଃତାଲା ମାନବଜାତିକୁ ରକ୍ଷା କରନ୍ତୁ ଏବଂ ଆମମାନଙ୍କୁ ଦୁଆ କରିବାର କର୍ତ୍ତବ୍ୟ ସମ୍ପାଦନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
5th April 2024